ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

RBI/2016-17/140
DPSS.CO.PD.No.1280/02.14.003/2016-17 November 18, 2016

ଅଧ୍ୟକ୍ଷ ଏବଂ ପରିଚ଼ଳନା ନିର୍ଦ୍ଦେଶକ/ ମୁଖ୍ୟ ନିର୍ବାହୀ ଅଧିକାରୀ
କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ ସମେତ ସମସ୍ତ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ / ସହରୀ ସମବାୟ ବ୍ୟାଙ୍କ /
ରାଜ୍ୟ ସମବାୟ ବ୍ୟାଙ୍କ / ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ / ସମସ୍ତ କାର୍ଡ଼ ନେଟୱାର୍କ ଯୋଗାଣକାରୀ

ମହାଶୟା / ମହାଶୟ

**ପଏଣ୍ଟ ଅଫ୍ ସେଲ୍ (POS) ରେ ନଗଦ ଉଠାଣ – ଉଠାଣ ସୀମା ଏବଂ ଗ୍ରାହକ ଫିସ୍ / ଚ଼ାର୍ଜ – କୋହଳ ବ୍ୟବସ୍ଥା**

ବ୍ୟାଙ୍କମାନଙ୍କ ଦ୍ଵାରା ଜାରି କରାଯାଇଥିବା, ବିଭିନ୍ନ ସ୍ଥାନ ପାଇଁ ଦୈନିକ ମୂଲ୍ୟସୀମା ବିନିର୍ଦ୍ଦିଷ୍ଟ ସମସ୍ତ ଡ଼େବିଟ କାର୍ଡ଼ / ଓପନ୍ ଲୁପ୍ ପ୍ରିପେଡ଼ କାର୍ଡ଼ ମାଧ୍ୟମରେ ସେବା ଯୋଗାଇ ପାରୁଥିବା ପଏଣ୍ଟ ଅଫ୍ ସେଲ୍ (ପି.ଓ.ଏସ୍) ରେ ନଗଦ ଉଠାଣ ସମ୍ବନ୍ଧୀୟ ଆମର ଜୁଲାଇ 22, 2009 ତାରିଖର DPSS.CO.PD.No.147/02.14.003/2009-10, ସେପ୍ଟେମ୍ବର 5, 2016 ତାରିଖର DPSS.CO.PD.No.449/02.14.003/2014-15 ଓ ଅଗଷ୍ଟ 27, 2016 ତାରିଖର DPSS.CO.PD.No.449/02.14.003/2015-16 ପରିପତ୍ରଗୁଡ଼ିକ ପ୍ରତି ଦୃଷ୍ଟି ଦିଅନ୍ତୁ **।**

2. ପ୍ରଚ଼ଳନଯୋଗ୍ୟ 500 ଓ 1000 ଟଙ୍କିଆ ବ୍ୟାଙ୍କ ନୋଟ (ବିନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ – ଏସ୍.ବି.ଏନ୍) ଗୁଡ଼ିକ ଉପରେ ବୈଧ ମୁଦ୍ରା ର ମାନ୍ୟତା ପ୍ରତ୍ୟାହୃତ ହେବା ପରେ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ନଭେମ୍ବର 14, 2016 ତାରିଖର ପରିପତ୍ର DPSS.CO.PD.No. 1240/02.10.004/2016-17 ଦ୍ଵାରା ନଭେମ୍ବର 10, 2016 ଠାରୁ ଡ଼ିସେମ୍ବର 30, 2016 ପର୍ଯ୍ୟନ୍ତ ସଂଚ଼ୟ ବ୍ୟାଙ୍କ ଗ୍ରାହକମାନଙ୍କ ଦ୍ଵାରା ଏ.ଟି.ଏମ.ମାନଙ୍କରେ ହେଉଥିବା ସମସ୍ତ ନେଣଦେଣ ଉପରୁ ଏ.ଟି.ଏମ୍. ଚ଼ାର୍ଜକୁ ସମୀକ୍ଷା ଭିତ୍ତିରେ ଛାଡ଼ କରିବା ପାଇଁ ବ୍ୟାଙ୍କମାନଙ୍କୁ ସୂଚ଼ିତ କରିଥିଲା **।**

3. ଅନ୍ୟ ଏକ ଗ୍ରାହକ-ଭିତ୍ତିକ ପଦକ୍ଷେପ ସ୍ଵରୂପ ନିଷ୍ପତ୍ତି କରାଯାଇଛି ଯେ, (i) ପି.ଓ.ଏସ୍. (ଭାରତରେ ବ୍ୟାଙ୍କମାନଙ୍କ ଦ୍ଵାରା ଜାରୀ କରାଯାଇଥିବା ଡ଼େବିଟ କାର୍ଡ ଏବଂ ମୁକ୍ତ ପ୍ରଣାଳୀ ପ୍ରିପେଡ କାର୍ଡ ନିମିତ୍ତ)ରେ ନଗଦ ଉଠାଣ ସୀମା, ଏହି ସୁବିଧା ନିମିତ୍ତ ହକଦାର ସବୁ କେନ୍ଦ୍ର( I ରୁ IV ସ୍ତର ପର୍ଯ୍ୟନ୍ତ) ର ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ ପାଇଁ ସମୀକ୍ଷା ଭିତ୍ତିରେ ସମାନ ଭାବରେ ପ୍ରତ୍ୟହ 2000 ଟଙ୍କା କରାଯାଇଛି (ii) ଏହିସବୁ ନେଣଦେଣ ଉପରେ ଗ୍ରାହକ ଚ଼ାର୍ଜ, ଯଦି ଥାଏ, ଆଦାୟ କରାଯିବ ନାହିଁ .

4. ଉପରେ ଦିଆଯାଇଥିବା ନିର୍ଦ୍ଦେଶ ଏହି ପରିପତ୍ର ଜାରୀ ତାରିଖଠାରୁ କାର୍ଯ୍ୟକାରୀ ହେବ ଏବଂ ସମୀକ୍ଷା ଭିତ୍ତିରେ ଡ଼ିସେମ୍ବର 30, 2016 ପର୍ଯ୍ୟନ୍ତ ଲାଗୁ ହେବ .

5. ଏହି ସନ୍ଦର୍ଭରେ ଅନ୍ୟାନ୍ୟ ସମସ୍ତ ପ୍ରଯୁଜ୍ୟ ଅନୁଦେଶ ଅପରିବର୍ତ୍ତିତ ରହିବ .

6. ପେମେଣ୍ଟ ଏବଂ ସେଟଲମେଣ୍ଟ ସିଷ୍ଟମର ଧାରା 2007 (2007 ର ଧାରା 51)ର ଉପଧାରା 18 ସହିତ ପଠିତ ଉପଧାରା 10(2) ଭିତ୍ତିରେ ଏହି ନିର୍ଦ୍ଦେଶନାମା ଜାରୀ କରାଯାଇଛି ।

ଆପଣଙ୍କର ବିଶ୍ୱସ୍ତ

(ନନ୍ଦ ଏସ୍ ଡ଼ାଭେ)
ମୁଖ୍ୟ ମହା ପ୍ରବନ୍ଧକ